# NATIONAL NEWS BULLETIN (ODIA)

## 24 September - 2025

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଦେଶ ବ୍ୟାପି ଆସନ୍ତାକାଲି 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ଆତ୍ମନିର୍ଭର ଭାରତ ମାଧ୍ୟମରେ ସମଗ୍ର ବିଶ୍ୱ ଲାଗି ଉଚ୍ଚମାନର ଉତ୍ପାଦ ଯୋଗାଇଦେବା କ୍ଷେତ୍ରରେ ଏକ ବିଶ୍ୱସ୍ତ ରାଷ୍ଟ୍ର ଭାବେ ଭାରତ ନିଜକୁ ପ୍ରତିପାଦିତ କରିପାରିଛି, କହିଲେ ପ୍ରତିରକ୍ଷା ମନ୍ତ୍ରୀ ।
- ଦେଶରେ ଖୁବ୍ ଶୀଘ୍ର ୨ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଶୁଭାରମ୍ଭ କରାଯିବ, ରେଳ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ଏସିଆକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗତକାଲିର ମ୍ୟାଚ୍‌ରେ ପାକିସ୍ତାନ ୫ ଓ୍ୱିକେଟ୍‌ରେ ପରାସ୍ତ କଲା ଶ୍ରୀଲଙ୍କାକୁ ।

– ଆଜି ରାତି ୮ଟାରେ ଭାରତ ଭେଟିବ ବାଂଲାଦେଶକୁ ।

## ପିଏମ୍-ସ୍ୱଚ୍ଛତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏହି ଅଭିଯାନକୁ ଏକ ପ୍ରେରଣାଦାୟୀ ପଦକ୍ଷେପ ରୂପେ ଉଲ୍ଲେଖ କରି ଏହା ଦେଶର ସମୂହ ଦାୟିତ୍ୱ ଏବଂ ଜାତୀୟ ଗର୍ବକୁ ସୂଚାଉଛି ବୋଲି କହିଛନ୍ତି । ଆସନ୍ତାକାଲି ସକାଳ ୮ଟାରୁ ସ୍ୱଚ୍ଛତା ଉତ୍ସବରେ ଯୋଗଦେଇ ସମସ୍ତ ଲୋକମାନଙ୍କୁ ସେ ଶ୍ରମଦାନ କରିବାକୁ ନିବେଦନ କରିଛନ୍ତି । ଆସନ୍ତାକାଲି ମଧ୍ୟ ପଣ୍ଡିତ ଦିନ୍‌ଦୟାଲ୍ ଉପାଧ୍ୟାୟଙ୍କ ଜୟନ୍ତୀ ଉତ୍ସବ ସାରା ଦେଶରେ ପାଳନ କରାଯିବ ।

## ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ କେବଳ ନିଜର ଆବଶ୍ୟକତା ଅନୁଯାୟୀ ଉତ୍ପାଦନ କରିବା ନୁହେଁ ବରଂ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ସମଗ୍ର ବିଶ୍ୱ ଲାଗି ଉଚ୍ଚମାନର ଉତ୍ପାଦ ଯୋଗାଇଦେବା କ୍ଷେତ୍ରରେ ଏକ ବିଶ୍ୱସ୍ତ ରାଷ୍ଟ୍ର ଭାବେ ଭାରତକୁ ଗଢ଼ିତୋଳିଛି । ଗତକାଲି ମରକ୍କୋର ବେରୋଚିଡ୍ ଠାରେ ପ୍ରତିରକ୍ଷା ମନ୍ତ୍ରୀ ତାଙ୍କର ମରକ୍କୋ ପ୍ରତିପକ୍ଷଙ୍କ ସହିତ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କେନ୍ଦ୍ରକୁ ମିଳିତ ଭାବେ ଉଦ୍‌ଘାଟନ କରିବା ଅବସରରେ ଏହା

କହିଛନ୍ତି । ସେ କହିଛନ୍ତି, ଏହା କେବଳ ଏକ ନୂତନ ଉତ୍ପାଦନ କେନ୍ଦ୍ରର ଆରମ୍ଭ ନୁହେଁ ବରଂ ଭାରତ-ମରକ୍କୋ ମଧ୍ୟରେ ଦୀର୍ଘ ସ୍ଥାୟୀ ବନ୍ଧୁତ୍ୱ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ । ଆଫ୍ରିକା ଏବଂ ୟୁରୋପ ଲାଗି ମରକ୍କୋର ରଣନୈତିକ ସ୍ଥିତି ଉପରେ ଆଲୋକପାତ କରି ଶ୍ରୀ ସିଂହ କହିଛନ୍ତି, ଆଗାମୀ ଦିନରେ ରପ୍ତାନୀ କ୍ଷେତ୍ରରେ ଭାରତ ଏହାଦ୍ୱାରା ଉପକୃତ ହୋଇପାରିବ । ଏକ ସୁରକ୍ଷିତ ଏବଂ ନବସୃଜନ ଭବିଷ୍ୟତ ଗଢ଼ିତୋଳିବା ଦିଗରେ ଭାରତର ୟୁବପ୍ରତିଭାଙ୍କୁ ଏହି ପ୍ରକ୍ରିୟା ପ୍ରେରଣା ଯୋଗାଇବା ସହିତ ଆଞ୍ଚଳିକ ସୁରକ୍ଷା ଓ ସମୃଦ୍ଧି ଦିଗରେ ମଧ୍ୟ ସହାୟକ ହୋଇପାରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

# ଜିଏସ୍‌ଟି

ଦେଶରେ ଗତ ୨୨ ତାରିଖଠାରୁ ପରବର୍ତ୍ତୀ ପିଢ଼ିର ଜି.ଏସ୍‌.ଟି. ସଂସ୍କାର ଲାଗୁ ହୋଇଛି । ଜନସାଧାରଣ ଜି.ଏସ୍‌.ଟି. କ୍ଷେତ୍ରରେ ଅଣାଯାଇଥିବା ଲାଭ ପାଇବା ଆରମ୍ଭ କରିଛନ୍ତି । ଏହି ନୂତନ ଜି.ଏସ୍‌.ଟି. ସଂରଚନାରେ ଜି.ଏସ୍‌.ଟି. ପରିଷଦ ପୂର୍ବର ଚାରି ଥାକିଆ ଟିକସ ବ୍ୟବସ୍ଥାକୁ ହ୍ରାସ କରି ଦୁଇ ଥାକିଆ ଟିକସ ବ୍ୟବସ୍ଥା ୫ ପ୍ରତିଶତ ଏବଂ ୧୮ ପ୍ରତିଶତରେ ରଖିଛନ୍ତି । ଏହି ସଂସ୍କାର ଆସିବା ଫଳରେ ଦେଶର ନାଗରିକମାନେ ବିଭିନ୍ନ ସେବା ଓ ସାମଗ୍ରୀ ଉପରେ ସିଧାସଳଖ ଲାଭ ପାଇପାରିବେ । ଏହି ପରିପ୍ରେକ୍ଷୀରେ ଜି.ଏସ୍‌.ଟି. ସଂସ୍କାର ଦ୍ୱାରା ସ୍ୱାସ୍ଥ୍ୟ

କ୍ଷେତ୍ର ମାଧ୍ୟମରେ ଜନସାଧାରଣ କିଭଳି ଉପକୃତ ହୋଇପାରିବେ ସେ ସମ୍ପର୍କରେ ଜାଣିବା ।

ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ଉପରେ ପୂର୍ବରୁ ଥିବା ୧୮ ପ୍ରତିଶତ ଜି.ଏସ୍.ଟି.କୁ ସରକାର ସମ୍ପୂର୍ଣ୍ଣ ରୂପେ ଛାଡ଼ କରିଛନ୍ତି । ଏହାଦ୍ୱାରା ଅଧିକରୁ ଅଧିକ ଲୋକେ ସ୍ୱାସ୍ଥ୍ୟ ବୀମାର ସୁବିଧା ପାଇପାରିବା ସହ ମଧ୍ୟବିତ୍ତ ପରିବାରଗୁଡ଼ିକର ସ୍ୱାସ୍ଥ୍ୟ ଖର୍ଚ୍ଚ ହ୍ରାସ ପାଇପାରିବ । ଏହାଛଡ଼ା କର୍କଟ ସମେତ ଅନ୍ୟାନ୍ୟ ଗୁରୁତର ରୋଗର ଚିକିତ୍ସା ଲାଗି ବ୍ୟବହୃତ ୩୩ଟି ଜୀବନରକ୍ଷାକାରୀ ଔଷଧଗୁଡ଼ିକୁ ସରକାର ସମ୍ପୂର୍ଣ୍ଣ କରମୁକ୍ତ କରାଯାଇଛି । ଅନ୍ୟ କେତେକ ଔଷଧ ଏବଂ ଗଜ୍, ବ୍ୟାଣ୍ଡେଜ୍, ପରୀକ୍ଷା କିଟ୍, ଗ୍ଳୁକୋମିଟର, ଥର୍ମୋମିଟର ଭଳି ମେଡିକାଲ୍ ସରଞ୍ଜାମ ଉପରୁ ଜି.ଏସ୍.ଟି. ହାରକୁ ୧୨ରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାଦ୍ୱାରା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସାଧାରଣ ଜନତାଙ୍କର ଖର୍ଚ୍ଚ ଉଲ୍ଲେଖନୀୟ ଭାବେ ହ୍ରାସ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ମହାରାଷ୍ଟ୍ର-ଫୁଡ୍

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପିନ୍ଦର ଯାଦବ ଗତକାଲି ମହାରାଷ୍ଟ୍ରର ପାଲଘର ଜିଲ୍ଲା ଅନ୍ତର୍ଗତ ଓ୍ୱାଦା ତାଲୁକାର ଗୋବର୍ଦ୍ଧନ ଜୈବ ଗ୍ରାମରେ ସ୍ୱଦେଶୀ ଖାଦ୍ୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । 'ମେରି ମାଟି – ମେରି ଥାଲି' ଏବଂ 'ପୋଷନ ଶଖା ଶଖି'

ଭଳି ଗୋଷ୍ଠି ଭିତ୍ତିକ ଜନସଚେତନତା ମାଧ୍ୟମରେ ଭାରତର ପାରମ୍ପରିକ ଖାଦ୍ୟଶସ୍ୟ ମିଲେଟ୍ସକୁ ଆମ ଖାଦ୍ୟର ମୁଖ୍ୟ ସ୍ରୋତରେ ସାମିଲ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଯାଦବ କହିଛନ୍ତି, ବର୍ତ୍ତମାନ ଇ-ବର୍ଯ୍ୟବସ୍ତୁ ଦେଶରେ ଏକ ପ୍ରମୁଖ ଆହ୍ୱାନ ରୂପେ ଉଭା ହୋଇଛି । ଏହି ପରିପ୍ରେକ୍ଷୀରେ ଶକ୍ତି ସଞ୍ଚୟ, ଜଳ ସଂରକ୍ଷଣ ଏବଂ ଏକ ନିରନ୍ତର ଜୀବନଯାପନ ଶୈଳୀ ଆପଣାଇବା ଦିଗରେ ଗୋବର୍ଦ୍ଧନ ଜୈବ ଗ୍ରାମର ପ୍ରଚେଷ୍ଟାକୁ ସେ ପ୍ରଶଂସା କରିଛନ୍ତି । ଉଭୟ ମାନବ ଶରୀର ଏବଂ ପରିବେଶ ଲାଗି ପାରମ୍ପରିକ ଖାଦ୍ୟ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯାଦବ ଆଲୋକପାତ କରିଛନ୍ତି ।

## ବୈଷ୍ଣବ-ବନ୍ଦେ ଭାରତ

ଦେଶରେ ଖୁବ୍ ଶୀଘ୍ର ୨ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଶୁଭାରମ୍ଭ କରାଯିବ ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଥମ ଟ୍ରେନ୍ ଲାଗି ଟ୍ରାଏଲ୍‌ରନ୍ ସମେତ ଅନ୍ୟାନ୍ୟ ଆବଶ୍ୟକୀୟ ପରୀକ୍ଷା ଇତିମଧ୍ୟରେ ସମ୍ପୂର୍ଣ୍ଣ ହୋଇସାରିଛି । ଆସନ୍ତା ମାସ ମଧ୍ୟଭାଗ ସୁଦ୍ଧା ଦ୍ୱିତୀୟ ଟ୍ରେନ୍ ଲାଗି ଅନୁରୂପ ପରୀକ୍ଷା ଶେଷ ହୋଇଯିବ । ଏହି ଦୁଇଟି ଯାକ ଟ୍ରେନ୍‌ର ଏକ ସଙ୍ଗେ ଶୁଭାରମ୍ଭ ହେବ ଏବଂ ଏଗୁଡ଼ିକ ରାତ୍ରିକାଳୀନ ଯାତ୍ରା ଲାଗି ଉଦ୍ଦିଷ୍ଟ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେ କହିଛନ୍ତି, ସମନ୍ୱିତ କୋଚ୍ ଫ୍ୟାକ୍ଟ୍ରି ଜ୍ଞାନକୌଶଳ ବ୍ୟବହାର କରି ନିର୍ମିତ ଏହି ଟ୍ରେନ୍‌ରେ ୧୬ଟି କୋଚ୍ ରହିବ । ସେଗୁଡ଼ିକୁ ଏସ୍.ସି.-ପ୍ରଥମ ଶ୍ରେଣୀ, ଏସ୍.ସି. ଟୁ-ଟାୟାର୍ ଏବଂ ଏସ୍.ସି. ଥ୍ରୀ-ଟାୟାର୍‌ରେ ବିଭକ୍ତ କରାଯାଇଛି । ଘଣ୍ଟା ପ୍ରତି ୧୮୦ କିଲୋମିଟର ବେଗରେ ଦେଶରେ ରାତ୍ରିକାଳୀନ ଦ୍ରୁତତମ ଟ୍ରେନ୍ ଭାବେ ଗତି କରିବାର କ୍ଷମତା ରଖିଥିବା ଏହି ଟ୍ରେନ୍‌ରେ ୧ ହଜାର ୧୨୮ ଜଣ ଯାତ୍ରୀ ଏକା ସଙ୍ଗେ ଯାତ୍ରା କରିପାରିବେ । ଏହାଛଡ଼ା ଆସନ୍ତା ମାସ ୧ ତାରିଖରୁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଦୀପାବଳି ଓ ଛଟ ପର୍ବ ଅବସରରେ ଦେଶରେ ୧୨ ହଜାର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ରେଳ ମନ୍ତ୍ରୀ ଘୋଷଣା କରିଛନ୍ତି ।

## ଥରୁର୍-ୟୁଏସ୍

ବୈଦେଶିକ ବ୍ୟାପାର ସମ୍ପର୍କିତ ସଂସଦୀୟ ଷ୍ଟାଡିଂ କମିଟି ଗତକାଲି ଭାରତ ଗସ୍ତରେ ଆସିଥିବା ଯୁକ୍ତରାଷ୍ଟ୍ର ଆମେରିକାର ସାଂସଦମାନଙ୍କର ଏକ ପ୍ରତିନିଧି ଦଳକୁ ନୂଆଦିଲ୍ଲୀ ଠାରେ ଭେଟିଛନ୍ତି । ବୈଠକ ପରେ ସଂସଦୀୟ କମିଟିର ଅଧ୍ୟକ୍ଷ ଶଶି ଥରୁର ଗଣମାଧ୍ୟମକୁ କହିଛନ୍ତି, ଭାରତ-ଆମେରିକା ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ଏହି ପ୍ରତିନିଧି ଦଳ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ବିଶେଷ କରି ଏଚ୍-ୱାନ୍.ବି. ଭିସା ପ୍ରସଙ୍ଗ, ଆମେରିକା ପକ୍ଷରୁ ଭାରତ ଉପରେ

ଲଗାଯାଇଥିବା ଉଚ୍ଚ ଶୁଳ୍କ ହାର ଏବଂ ଚବାହାର ବନ୍ଦର ପ୍ରସଙ୍ଗ ଉପରେ ସେମାନେ ସ୍ୱତନ୍ତ୍ର ଧ୍ୟାନ ଦେଇ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ଶ୍ରୀ ଥରୁର୍ କହିଛନ୍ତି ।

# ପିଏମ୍-ସେବାପର୍ବ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାରଙ୍କ କିଭଳି ଭାରତ ସେମିକଣ୍ଡକ୍ଟର ମିଶନ୍ ମାଧ୍ୟମରେ ଦେଶର ଭବିଷ୍ୟତକୁ ବିକଶିତ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି ।

ଆଧୁନିକ ଇଲେକ୍ଟ୍ରୋନିକ୍ସ ଯୁଗରେ ସେମିକଣ୍ଡକ୍ଟର ଗୁଡ଼ିକ ଅତ୍ୟାବଶ୍ୟକୀୟ ବ୍ଲକ୍ ଭାବେ କାର୍ଯ୍ୟ କରୁଛି । ଏହାଛଡ଼ା ପ୍ରତ୍ୟେକ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିର ମୁଖ୍ୟ ନିୟନ୍ତ୍ରକ ରୂପେ ସେମିକଣ୍ଡକ୍ଟରର ଏକ ଗୁରୁଦାୟିତ୍ୱ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୨୧ ମସିହାରେ ଭାରତ ସେମିକଣ୍ଡକ୍ଟର ମିଶନ୍‌ର ଶୁଭାରମ୍ଭ ହେବା ପରଠାରୁ ଏହି ଯାତ୍ରାକୁ  ଏକ ଦୃଷ୍ଟିକୋଣରୁ ବାସ୍ତବ ରୂପରେ ରୂପାନ୍ତର

କରାଯାଇପାରିଛି । ଚଳିତ ମାସରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ୨୦୨୫ ସେମିକନ୍ ଇଣ୍ଡିଆରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେମିକଣ୍ଡକ୍ଟରକୁ ଡିଜିଟାଲ୍ ଡାଇମଣ୍ଡ ଭାବେ ବର୍ଣ୍ଣନା କରିଛନ୍ତି ।

ଭାରତ ସେମିକଣ୍ଡକ୍ଟର ମିଶନ୍ ବର୍ତ୍ତମାନ ୭୬ ହଜାର କୋଟି ଟଙ୍କାର ସେମିକନ୍ ଭାରତ କାର୍ଯ୍ୟକ୍ରମକୁ ପରିଚାଳନା କରୁଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମିକଣ୍ଡକ୍ଟର ଉତ୍ପାଦନ ଲାଗି ସରକାର ୫୦ ପ୍ରତିଶତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ଏହି ଡିଜାଇନ୍ ସଂଯୁକ୍ତ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ୨୮୦ରୁ ଊର୍ଦ୍ଧ୍ୱ ଉଚ୍ଚ ଶିକ୍ଷାନୁଷ୍ଠାନ ଓ ୭୦ରୁ ଅଧିକ ଷ୍ଟାର୍ଟଅପ୍ ସେମିକଣ୍ଡକ୍ଟର କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ।

ସେମିକନ୍ ଇଣ୍ଡିଆ ୨୦୨୫ରେ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ୱଦେଶ ନିର୍ମିତ ପ୍ରଥମ ଚିପ୍ ସେଟ୍ ଆନୁଷ୍ଠାନିକ ଭାବେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ଏହାଦ୍ୱାରା ଭାରତର ସେମିକଣ୍ଡକ୍ଟର ଯାତ୍ରା ଏକ ମାଇଲ୍‌ଖୁଣ୍ଟ ଅତିକ୍ରମ କରିଥିବା ପ୍ରତିଫଳିତ ହେଉଛି । ଦେଶରେ ଏକ ଆତ୍ମନିର୍ଭର ସେମିକଣ୍ଡକ୍ଟର ଶିଳ୍ପ ଗଢ଼ିତୋଳିବା କ୍ଷେତ୍ରରେ ମିଳିତ ପ୍ରୟାସ ଉପରେ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ।

**Seba Parba Closing**

# କ୍ରିକେଟ୍

ପୁରୁଷ ଟି-ଟ୍ୱେଣ୍ଟି ଏସିଆକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗତକାଲି ରାତିରେ ଅନୁଷ୍ଠିତ ସୁପର୍ ଫୋର୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ପାକିସ୍ତାନ' ଶ୍ରୀଲଙ୍କାକୁ ୫ ୱିକେଟ୍‌ରେ ପରାସ୍ତ କରିଛି । ଆବୁଧାବି ସ୍ଥିତ ଶେଖ୍ ଯାଏଦ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୩୩ରନ୍ କରିଥିଲା । ପାକିସ୍ତାନ ୧୮ ଓଭରରେ ୫ ୱିକେଟ୍ ହରାଇ ୧୩୮ରନ୍ କରି ବିଜୟୀ ହୋଇଛି । ପାକିସ୍ତାନର ହୁସେନ ତଲତ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆଜି ଦୁବାଇ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତ ସୁପର ଫୋର୍ ପର୍ଯ୍ୟାୟର ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।